୨୬୯୯୩

ସଂଖ୍ୟା_______________/ଜେନ୍
GAD-SC-REMP-0002-2014

# ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

*****

## ସଂକଳ୍ପ

ଭୁବନେଶ୍ୱର ତା ୧୨/୦୯/୨୦୨୪ରିଖ

**ବିଷୟ : ସରକାରୀ ପ୍ରତିଷ୍ଠାନରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସାମୟିକ ନିୟୋଜନ ସମ୍ବନ୍ଧୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ।**

୨୦୧୦-୨୦୧୪ ବର୍ଷ ମଧ୍ୟରେ, ବିଭିନ୍ନ କାରଣରୁ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ହେତୁ ସରକାରୀ ପ୍ରତିଷ୍ଠାନଗୁଡିକ ଦକ୍ଷ ମାନବସମ୍ବଳର ଘୋର ଅଭାବର ସମ୍ମୁଖୀନ ହେଉଥିଲେ, ଯାହା ଫଳରେ ଅବଶିଷ୍ଟ କର୍ମଚାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାରର ଚାପ ରହିଥିଲା। ଏଭଳି ପରିସ୍ଥିତିକୁ ଏଡ଼େଇବା ପାଇଁ ରାଜ୍ୟ ସରକାର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଂକଳ୍ପ ସଂଖ୍ୟା ୨୩୭୫୦, ତା ୨୭.୦୮.୨୦୧୪ ରିଖରେ ବୃତ୍ତିଗତ ଅଭିଜ୍ଞତା ଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ସାମୟିକ ଭାବରେ ଆବଶ୍ୟକତା ଅନୁଯାୟୀ ଚୁକ୍ତି ଭିତ୍ତିରେ ପୁନଃନିୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲେ ।

ଇତିମଧ୍ୟରେ ସରକାରଙ୍କର ଏହା ଦୃଷ୍ଟି ଗୋଚର ହୋଇଛି ଯେ ବିଭିନ୍ନ ବିଭାଗ/କାର୍ଯ୍ୟାଳୟ, ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ବିନା ଯଥାର୍ଥତାରେ ନିତିଦିନିଆ କାର୍ଯ୍ୟ ତୁଲେଇବା ପାଇଁ ନିୟୋଜିତ କରୁଛନ୍ତି । ବାସ୍ତବରେ, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଉଥିବାର ସରକାରଙ୍କ ନଜରକୁ ଆସିଅଛି । ଏହା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଂକଳ୍ପ ସଂଖ୍ୟା ୨୩୭୫୦, ତା ୨୭.୦୮.୨୦୧୪ ରିଖର ଉଦ୍ଦେଶ୍ୟ ନ ଥିଲା ଯେଉଁଥିପାଇଁ ନିଯୁକ୍ତି ନିୟମାବଳୀର କୋହଳ ପାଇଁ ଅନୁମତି ଦିଆଯାଇଥିଲା | ବିଭିନ୍ନ ପାରିଶ୍ରମିକ ଏବଂ ବିଭିନ୍ନ ସର୍ତ୍ତାବଳୀ ସହିତ ସାମୟିକ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିଭିତ୍ତିକ ଭାବରେ ପୁନଃନିଯୁକ୍ତି କରାଯିବା ପାଇଁ ବ୍ୟବସ୍ଥା ଥିଲା ।

ଗତ କିଛି ବର୍ଷ ଧରି ଆର୍ଥିକ ସ୍ଥିତିର ଉନ୍ନତି ହେବା ସହିତ ଅର୍ଥ ବିଭାଗ ଦ୍ୱାରା ନିଯୁକ୍ତି ପ୍ରକ୍ରିୟାକୁ ସୁଦୃଢୀକରଣ ଏବଂ ଶୃଙ୍ଖଳିତ ତଥା ସରଳୀକରଣ କରାଯାଇ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ହୋଇଅଛି ।

ଉପରୋକ୍ତ ପରିସ୍ଥିତିର ଯତ୍ନର ସହ ବିଚାର କରିବା ପରେ ଏବଂ ଏକ ସମାନ ନୀତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ସଂକଳ୍ପ ସଂଖ୍ୟା ୨୩୭୫୦, ତା ୨୭.୦୮.୨୦୧୪ କୁ ଖାରଜ୍ କରି ନିଷ୍ପତ୍ତି ନେଇଛନ୍ତି ଯେ ଯଦି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ପଦବୀ ଖାଲି ହୁଏ, ତେବେ ଏହି ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିୟୋଜିତ ନ କରି ସଂପୃକ୍ତ ବିଭାଗ/କାର୍ଯ୍ୟାଳୟ ପ୍ରତ୍ୟକ୍ଷ/ପଦୋନ୍ନତି ନିଯୁକ୍ତି ମାଧ୍ୟମରେ ଉକ୍ତ ପଦବୀ ପୂରଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ପୂର୍ବରୁ ବିଭାଗ/କାର୍ଯ୍ୟାଳୟଗୁଡ଼ିକ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଏଭଳି ପ୍ରସ୍ତାବର

ମୂଲ୍ୟାଙ୍କନ କରିବେ ଏବଂ ସୁନିଶ୍ଚିତ କରିବେ ଯେ ଯଦି ସରକାରୀ/କାର୍ଯ୍ୟାଳୟ ପାଇଁ ସମ୍ପୃକ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅତୀତର ଅଭିଜ୍ଞତା ଅତ୍ୟନ୍ତ ଆବଶ୍ୟକ, ତେବେ କେବଳ ତାଙ୍କର ପୁନଃନିଯୁକ୍ତି ଏହି ସଂକଳ୍ପରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତଗୁଡିକ ଅନୁଯାୟୀ ଚୁକ୍ତିନାମା ଆଧାରରେ ବିଚାର କରାଯିବ ।

**୧. ପ୍ରଯୁଜ୍ୟତା:** ରାଜ୍ୟ ସରକାରଙ୍କ ଦ୍ୱାରା ସମୟ-ସମୟରେ ନିର୍ଦ୍ଧାରିତ ହେଉଥିବା ପଦବୀ/ସେବାରେ ପୁନଃନିଯୁକ୍ତି ହେଉଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ନିମନ୍ତେ ଏହି ନିର୍ଦ୍ଦେଶାବଳୀଟି ପ୍ରଯୁଜ୍ୟ ହେବ ।

**୨. ଯୋଗ୍ୟତା ସର୍ତ୍ତାବଳୀ :**

(୧) ଯେଉଁ ଅଧିକାରୀମାନେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି ଏବଂ ପଞ୍ଚସଠି ବର୍ଷରୁ କମ୍ ବୟସ ହେବା ସହ ଭଲ ସେବା ରେକର୍ଡ ରହିଛି ଏବଂ ଶାରୀରିକ ଭାବରେ ଫିଟ୍ ଅଛନ୍ତି ସେମାନେ ପୁନଃନିଯୁକ୍ତି ପାଇଁ ବିବେଚିତ ହେବେ।

(୨) ଯେଉଁ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପ୍ରକ୍ରିୟା (u/r15 କିମ୍ବା u/r 16) କିମ୍ବା ଅପରାଧିକ ମାମଲା ବିଚାରାଧୀନ ଅଛି କିମ୍ବା ଅବସର ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ ଅସଦାଚରଣ ପାଇଁ ଦଣ୍ଡିତ ହୋଇଛନ୍ତି, ଅବସର ପରେ ସେମାନେ ପୁନଃନିଯୁକ୍ତି ପାଇଁ ବିବେଚିତ ହେବେ ନାହିଁ ।

(୩) ଅବସରର ପୂର୍ବରୁ କ୍ରମାଗତ ଷାଠିଏ ମାସ ପାଇଁ "ଉଲ୍ଲେଖନୀୟ (Outstanding)" CCR /PAR ଥିବା ଅଧିକାରୀମାନେ କେବଳ ପୁନଃନିଯୁକ୍ତି ପାଇଁ ବିବେଚିତ ହେବେ । (NRC OUTSTANDING ବୋଲି ଧରାଯିବ ନାହିଁ)

(୪) ଯେଉଁ ଅଧିକାରୀଙ୍କ ଅବସରର ଦଶ ବର୍ଷ ମଧ୍ୟରେ ତାଙ୍କର CCR/PAR ରେ ପ୍ରତିକୂଳ ଟିପ୍ପଣୀ ରେକର୍ଡ ହୋଇଥିବ, ସେମାନେ ପୁନଃନିଯୁକ୍ତି ପାଇଁ ବିବେଚିତ ହେବେ ନାହିଁ ।

**୩. ଚୟନ ପ୍ରକ୍ରିୟା :**

(୧) ଖୋଲା ବିଜ୍ଞାପନ କିମ୍ବା ସମୟ ସମୟରେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ ।

(୨) ସମ୍ପୃକ୍ତ ପ୍ରଶାସନିକ ବିଭାଗଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିମନ୍ତେ ପ୍ରସ୍ତାବ ଉପରେ ନିଷ୍ପତ୍ତି ନେବା ପାଇଁ ନିମ୍ନ ପ୍ରକାରେ ଚୟନ କମିଟି ଗଠନ ହେବ ;

| | | |
|---|---|---|
| (କ) ମୁଖ୍ୟ ସଚିବ | : | ସଭାପତି |
| (ଖ) ଅତିରିକ୍ତ ମୁଖ୍ୟ ଶାସନ ସଚିବ | : | ସଦସ୍ୟ |
| (ଗ) ସଚିବ, ଅର୍ଥ ବିଭାଗ | : | ସଦସ୍ୟ |
| (ଘ) ସମ୍ପୃକ୍ତ ବିଭାଗର ସଚିବ | : | ଆବାହକ ସଦସ୍ୟ |

ସମ୍ପୃକ୍ତ ବିଭାଗର ସଚିବଙ୍କୁ ଏପରି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ବାଧ୍ୟତାମୂଳକ କାରଣ ବିଷୟରେ କମିଟିକୁ ସନ୍ତୁଷ୍ଟ କରିବାକୁ ପଡିବ । ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ ଏବଂ ନିତିଦିନିଆ କାର୍ଯ୍ୟ ପାଇଁ ନୁହେଁ ।

ସମ୍ପୃକ୍ତ ବିଭାଗଗୁଡିକରେ ଏଭଳି ପୁନଃନିଯୁକ୍ତି ମଞ୍ଜୁରିପ୍ରାପ୍ତ SB cadre ଏବଂ ଉପର ସ୍ତରରେ ୧ ପ୍ରତିଶତ ମଧ୍ୟରେ ସୀମିତ ରହିବ ।

କମିଟି ଯଦି ସମ୍ପୃକ୍ତ ବିଭାଗଦ୍ୱାରା ଦେଇଥିବା ଯଥାର୍ଥତା ଉପରେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେହି ପ୍ରସ୍ତାବକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତାଙ୍କ ବିଚାର ଏବଂ ଅନୁମୋଦନ ପାଇଁ ସୁପାରିଶ କରିବେ । ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ପାଇଁ କମିଟିର ସୁପାରିଶ କେବଳ ଯଥେଷ୍ଟ ନୁହେଁ ଏବଂ ଏହା ପୁନଃନିଯୁକ୍ତି ନିମନ୍ତେ କୌଣସି ଅଧିକାର ବୋଲି ବିବେଚନା କରାଯିବ ନାହିଁ ।

ଏଭଳି ପୁନଃନିଯୁକ୍ତି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ହେବା ଆବଶ୍ୟକ । କୌଣସି ପୁନଃନିଯୁକ୍ତି ନିମନ୍ତେ ପୋଷ୍ଟ ଫେକ୍ଟୋ ଅନୁମୋଦନ ହେବ ନାହିଁ ।

**୪. କାର୍ଯ୍ୟକାଳ, ସର୍ତ୍ତାବଳୀ ଏବଂ ଚୁକ୍ତିନାମା :—**

(୧) ପ୍ରାରମ୍ଭରେ ପୁନଃନିଯୁକ୍ତିର ଅବଧି ଏକ ବର୍ଷ ପାଇଁ ରହିବ ଏବଂ ପରବର୍ତ୍ତୀ ଅବଧି ପାଇଁ ଗୋଟିଏ ବର୍ଷ ଲେଖାଏଁ ତିନିବର୍ଷ ପାଇଁ ବୃଦ୍ଧି କରାଯିବ ଯଦି ସେ ସନ୍ତୋଷଜନକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବେ । ଏହିପରି ଭାବେ ପୁନଃନିଯୁକ୍ତିର ସମୁଦାୟ ଅବଧି ଚାରି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହେବ ଯଦି ଅବସରପ୍ରାପ୍ତ କର୍ମଚାରୀଙ୍କ ବୟସ ପଂଚ ଷଠି ବର୍ଷ ବୟସରୁ ଅଧିକ ହୋଇ ନ ଥିବ କିମ୍ବା ପୋଷ୍ଟଗୁଡିକ ନିୟମିତ ପ୍ରକ୍ରିୟା ଦ୍ୱାରା ପୂର୍ଣ୍ଣ ହୋଇ ନ ଥିବ ଏଥିମଧ୍ୟରୁ ଯେଉଁଟି ଶୀଘ୍ର ହେବ ସେତେ ସମୟ ପର୍ଯ୍ୟନ୍ତ କେବଳ ବୃଦ୍ଧି ହେବ ।

(୨) ପୁନଃନିଯୁକ୍ତ ଅଧିକାରୀମାନେ ଅର୍ଥ ବିଭାଗର ସହମତି କ୍ରମେ ପ୍ରଶାସନିକ ବିଭାଗ/ନିଯୁକ୍ତି କର୍ତ୍ତୃପକ୍ଷ ଦ୍ବାରା ସ୍ଥିର କରାଯାଇଥିବା ବେତନ, ଛୁଟି ଏବଂ ଅନ୍ୟାନ୍ୟ ଭତ୍ତା ପାଇବେ।

(୩) ପୁନଃନିଯୁକ୍ତ ଅଧିକାରୀମାନେ ଓଡିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯ ର ନିୟମାବଳୀ ଦ୍ବାରା ପରିଚାଳିତ ହେବେ ଏବଂ ସେମାନଙ୍କ ଅସଦାଚରଣ, ତ୍ରୁଟି ଏବଂ କାର୍ଯ୍ୟରେ ଖିଲାପ୍ ପାଇଁ ଓଡିଶା ପେନସନ୍ ନିୟମ, ୧୯୯୨ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(୪) ପୁନଃନିଯୁକ୍ତ ଅଧିକାରୀଙ୍କ ଅସନ୍ତୁଷ୍ଟ ପ୍ରଦର୍ଶନ ଯୋଗୁଁ କିମ୍ବା ଅନ୍ୟ କାରଣ ପାଇଁ ଏକ ମାସ ନୋଟିସ ଦେଇ ଯେକୌଣସି ସମୟରେ ସମ୍ପୃକ୍ତ ନିଯୁକ୍ତି କର୍ତ୍ତୃପକ୍ଷ ପୁନଃନିଯୁକ୍ତିକୁ ବନ୍ଦ କରି ଦେଇପାରିବେ ।

ଅପରପକ୍ଷେ, ଯଦି କୌଣସି ପୁନଃନିଯୁକ୍ତ ଅଧିକାରୀ ଇସ୍ତଫା ଦେବାକୁ ଚାହାଁନ୍ତି ତେବେ ସେ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷଙ୍କୁ ଏକ ମାସର ଲିଖିତ ନୋଟିସ ଦେଇ ଇସ୍ତଫା ଦେଇପାରିବେ ।

(୫) ଅବସରପ୍ରାପ୍ତ ଅଧିକାରୀ ସେମାନଙ୍କୁ ଦିଆଯାଇଥିବା ସରକାରୀ ଆବାସକୁ ଖାଲି କରିବା ପରେ ହିଁ ସେମାନଂକୁ ପୁନଃନିଯୁକ୍ତ ପାଇଁ ବିଚାର କରାଯିବ। (ତଥାପି, ଅତ୍ୟାବଶ୍ୟକ ସ୍ଥିତିର ସ୍ୱାର୍ଥରେ ଯଦି ସରକାର ଏହି ବ୍ୟବସ୍ଥାକୁ କୋହଳ କରିବା ପାଇଁ ଆବଶ୍ୟକ ବୋଲି ଅନୁଭବ କରନ୍ତି ତେବେ କୋହଳ କରି ଦେଇପାରିବେ ।)

ଏହି ସଂକଳ୍ପ ଓଡିଶା ଗେଜେଟରେ ପ୍ରକାଶ ପାଇବା ତାରିଖରୁ କାର୍ଯ୍ୟକାରୀ ହେବ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜ୍ଞାପକ ସଂ- ୨୬୭୭୪ / ସା.ପ୍ର, ତା- ୧୨/୦୬/୨୦୨୪

ଏହାର ଏକକିତା ନକଲ ଓଡିଶା ଗେଜେଟ୍ ସେଲ୍ ଭାରପ୍ରାପ୍ତ ଅଧିକାରୀ, ଓଡିଶା ଗେଜେଟ୍ ସେଲ୍, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗଙ୍କୁ ଅବଗତି ଓ ଓଡିଶା ଗେଜେଟର ଅସାଧାରଣ ନିର୍ଗମନରେ ଏହି ଅଧିସୂଚନା ପ୍ରକାଶ କରିବା ସହିତ ସରକାରୀ ବ୍ୟବହାର ପାଇଁ ଏହି ବିଭାଗକୁ 200 ନକଲ ଯୋଗାଇଦେବା ନିମିତ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୬୭୭୫ / ସା.ପ୍ର, ତା- ୧୨/୦୬/୨୦୨୪

ଏହାର ଏକକିତା ନକଲ ସମସ୍ତ ବିଭାଗ/ ସମସ୍ତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ/ ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ/ ସମସ୍ତ ଜିଲ୍ଲାପାଳ/ ରେଜିଷ୍ଟ୍ରାର, ଓଡ଼ିଶା ଉଚ୍ଚ ନ୍ୟାୟଳୟ, କଟକ/ ଓଡିଶା ଲୋକ ସେବା ଆୟୋଗ, କଟକ/ ଓଡିଶା କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱର/ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୫୩୩୫ / ସା.ପ୍ର, ତା- ୧୨/୦୯/୨୦୨୪

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସମସ୍ତ ଉପବିଭାଗ/ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ଲାଇବ୍ରେରୀ (20 ନକଲ)/ ଗାର୍ଡ ଫାଇଲ (ସାଧାରଣ ଅଭିଯୋଗ ଉପବିଭାଗ) (20 ନକଲ) ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧/୦୯/୨୦୨୪

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୫୩୩୬ / ସା.ପ୍ର, ତା- ୧୨/୦୯/୨୦୨୪

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଶାସନିକ ସଂସ୍କାର ଉପବିଭାଗକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୱେବସାଇଟ ରେ ଉପଲବ୍ଧ କରାଇବା ପାଇଁ ପ୍ରେରଣ କରାଗଲା ।

୧୧/୦୯/୨୦୨୪

ଅତିରିକ୍ତ ଶାସନ ସଚିବ